# ‘ଠିକ୍’ କିମ୍ବା ‘ଭୁଲ’

୧. ବିଭିନ୍ନ ଜୀବମାନଙ୍କ ମଧ୍ୟରେ ଥିବା ସାମଞ୍ଜସ୍ୟ ଓ ପାର୍ଥକ୍ୟକୁ ବିଚାର କରି ସେମାନଙ୍କୁ ଶ୍ରେଣୀ ବିଭାଗ କରାଯିବା ପଦ୍ଧତିକୁ ଟାକ୍ସୋନୋମି କୁହାଯାଏ।

୨. ଶ୍ରେଣୀ ବିଭାଗରେ ସବୁଠାରୁ କ୍ଷୁଦ୍ରତମ ବିଭାଗକୁ ପ୍ରଜାତି କୁହାଯାଏ।

୩. ଜୀବମାନଙ୍କର ବୈଜ୍ଞାନିକ ନାମ ଇଂରାଜୀରେ ଲେଖିବାବେଳେ ଉଭୟ ପ୍ରଜାତି ଓ ଜାତିର ପ୍ରଥମ ଅକ୍ଷରଟିକୁ ବଡ଼ଲିପିରେ ଲେଖାଯାଏ।

୪. ମଣିଷର ବୈଜ୍ଞାନିକ ନାମରେ ସାପିଏନ୍ସ ହେଉଛି ‘ଜାତି’ ନାମ ଏବଂ ହୋମୋ ହେଉଛି ‘ପ୍ରଜାତି’ ନାମ।

୫. ପ୍ରାକ୍‌ନ୍ୟଷ୍ଟିୟ ବା ପ୍ରୋକାରିଓଟ କୋଷରେ ନ୍ୟଷ୍ଟିଟି ଠିକ୍ ଭାବରେ ସଙ୍ଗଠିତ ହୋଇଥାଏ।

୬. ଫଙ୍ଗାଇକୁ ମୃତୋପଜୀବୀ ମଧ୍ୟ କୁହାଯାଏ।

୭. ମୋନେରା ଅନ୍ତର୍ଗତ ଜୀବମାନେ ଏକକୋଷୀ ଇଉକାରିଓଟ୍ ହୋଇଥିବାବେଳେ ପ୍ରୋଟିଷ୍ଟା ଅନ୍ତର୍ଗତ ପ୍ରାଣୀମାନେ ଏକକୋଷୀ ପ୍ରୋକାରିଓଟ୍ ହୋଇଥାନ୍ତି।

୮. ଟେରିଡ଼ୋଫାଇଟାରେ ନଗ୍ନ ଭ୍ରୁଣକୁ ସ୍ପୋର କୁହାଯାଏ।

୯. ଜିମ୍‌ନୋସ୍ପର୍ମରେ ବୀଜ ଗୁଡ଼ିକ ରେଣୁପତ୍ରରେ ଶଙ୍କୁ ବା କୋନ୍‌ରେ ସଜ୍ଜିତ ହୋଇରହିଥାନ୍ତି।

୧୦. ଆନ୍‌ଜିଓସ୍ପର୍ମରେ ବୀଜ ଗୁଡ଼ିକ ଫଳବାହାରେ ରହିଥାନ୍ତି।